# NATIONAL NEWS BULLETIN (ODIA)

**31 March - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭଗବାନ ମହାବୀରଙ୍କର ଜୟନ୍ତୀ ଅବସରରେ ଗୁଜରାଟର କୋବାଠାରେ ସମ୍ରାଟ ସଂପ୍ରତୀ ସଂଗ୍ରାହାଳୟ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

- ଦକ୍ଷିଣ ଲେବାନନ୍‌ରେ ମିଳିତ ଜାତିସଂଘର ଶାନ୍ତିଦୂତଙ୍କ ଉପରେ ଆକ୍ରମଣକୁ ଭାରତର ନିନ୍ଦା

- ବିହାରର ନାଳନ୍ଦା ଜିଲ୍ଲାରେ ଶୀତଳାଷ୍ଟମୀ ମନ୍ଦିରରେ ଦଳାଚକଟା ଘଟଣାରେ ୮ ଜଣ ମହିଳା ଶ୍ରଦ୍ଧାଳୁଙ୍କ ମୃତ୍ୟୁ

ଏବଂ

- ଆଇପିଏଲ୍‌ରେ ଆଜିର ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ଓ ଗୁଜରାଟ ଟାଇଟନ୍‌ସ ମଧ୍ୟରେ ହେବ ମୁକାବିଲା

---

# ପିଏମ୍ ଗୁଜରାଟ ମ୍ୟୁଜିୟମ୍

ଜୈନ ତୀର୍ଥଙ୍କର ଭଗବାନ ମହାବୀରଙ୍କ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଗୁଜରାଟର ଗାନ୍ଧିନଗର ଅନ୍ତର୍ଗତ କୋବାଠାରେ ସମ୍ରାଟ ସଂପ୍ରତୀ ସଂଗ୍ରହାଳୟର ଉଦ୍‌ଘାଟନ କରିଛନ୍ତି । ଏହି

ସଂଗ୍ରହାଳୟ ଜୈନ ଇତିହାସ ଏବଂ ସମ୍ରାଟ ସଂପ୍ରତୀଙ୍କ ଜୀବନ, ତାଙ୍କ ଶାସନ ଏବଂ ଅହିଂସାର ବାର୍ତ୍ତା ପାଇଁ ଉତ୍ସର୍ଗୀକୃତ ।

ଏହି ଅବସରରେ ଆୟୋଜିତ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, କୋବାତୀର୍ଥରେ ମୂଲ୍ୟବୋଧ ସଂରକ୍ଷିତ ହୁଏ, ସାଂସ୍କୃତିକ ନୈତିକତା ସୁଦୃଢ଼ ହୁଏ ଏବଂ ଜ୍ଞାନର ପୋଷଣ ହୁଏ । ପ୍ରଧାନମନ୍ତ୍ରୀ ଏହାକୁ ୩ଟି ଧାରା– ଅଧ୍ୟୟନ, ଆଧ୍ୟାତ୍ମିକ ଅଭ୍ୟାସ ଏବଂ ଆତ୍ମଶୃଙ୍ଖଳାର ସଂଗମ ବୋଲି କହିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ବିଶ୍ୱ ସଂପ୍ରତି ଏକ ଦୁଃସ୍ଥିତି ଦେଇ ଗତିକରୁଥିବା ବେଳେ ଏହି ସଂଗ୍ରହାଳୟର ବାର୍ତ୍ତା ସମଗ୍ର ମାନବ ଜାତି ପାଇଁ ଗୁରୁତ୍ୱପୂର୍ଣ୍ଣ ।

**V/O (PM Situation)**

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଜି ସାନନ୍ଦାଠାରେ କେନ୍‌ସ ସେମିକଣ୍ଡକ୍ଟର ଓଏସ୍‌ଏପି ପ୍ଲାଣ୍ଟର ଉଦ୍‌ଘାଟନ ଏବଂ ନବଗଠିତ ଭାଭ୍‌-ଥାରାଡ ଜିଲ୍ଲାରେ ୧୯ ହଜାର ୮୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିକାଶ କାର୍ଯ୍ୟର ଉଦ୍‌ଘାଟନ ଓ ଶିଳାନ୍ୟାସ କରି ସନ୍ଧ୍ୟାରେ ଆସାମ ଯାତ୍ରା କରିବାର କାର୍ଯ୍ୟସୂଚୀ ରହିଛି ।

---

# ପ୍ରେଜ୍‌-ଗ୍ରୀଟିଂ

ଦେଶରେ ଆଜି ୨୪ତମ ତଥା ଶେଷ ଜୈନ ତୀର୍ଥଙ୍କର ଭଗବାନ ମହାବୀରଙ୍କ ଜୟନ୍ତୀ ପାଳନ କରାଯାଉଛି । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି

କହିଛନ୍ତି ଯେ ଭଗବାନ ମହାବୀର ଅହିଂସା, ସତ୍ୟ ଏବଂ ଆତ୍ମସଂଜମର ନୀତିଶିକ୍ଷା ଦେବା ସହ ଲୋକଙ୍କୁ ସହାନୁଭୂତିଶୀଳ ଜୀବନ ଯାପନ କରିବାକୁ ପ୍ରେରଣା ଦେଇଥିଲେ । ପ୍ରତ୍ୟେକ ବ୍ୟକ୍ତି ମହାବୀରଙ୍କ ଶିକ୍ଷାରୁ ପ୍ରେରଣା ନେଇ ଏକ ସମ୍ବେଦନଶୀଳ, ଶାନ୍ତିପୂର୍ଣ୍ଣ ଏବଂ ସମାବେଶୀ ସମାଜ ଗଠନ ପାଇଁ ନିରନ୍ତର ପ୍ରୟାସ କରିବା ଉଚିତ ବୋଲି ରାଷ୍ଟ୍ରପତି କହିଛନ୍ତି ।

ସେହିପରି ଉପରାଷ୍ଟ୍ରପତି କହିଛନ୍ତି ଯେ ଭଗବାନ ମହାବୀରଙ୍କ କାଳଜୟୀ ଶିକ୍ଷା ସମସ୍ତଙ୍କୁ ଆତ୍ମଶୃଙ୍ଖଳା, କରୁଣା ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ଜୀବ ନ ପ୍ରତି ନିରନ୍ତର ମାର୍ଗଦର୍ଶନ କରୁଛି । ମହାବୀରଙ୍କ ଆଶୀର୍ବାଦ ସମାଜରେ ଶାନ୍ତି, ଅହିଂସା ଏବଂ ଭାଇଚାରାର ଭାବନାକୁ ସୁଦୃଢ଼ କରିଥାଏ ବୋଲି ଉପରାଷ୍ଟ୍ରପତି କହିଛନ୍ତି ।

---

# ପିଏମ୍ ଗ୍ରୀଟିଂ

ଭଗବାନ ମହାବୀରଙ୍କ ଜନ୍ମ କଲ୍ୟାଣ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭଗବାନ ମହାବୀରଙ୍କ ଜୀବନ ଏବଂ ଶିକ୍ଷା– ସତ୍ୟ, ଅହିଂସା ଏବଂ କରୁଣାର ପଥକୁ ଆଲୋକିତ କରୁଛି । ମହାବୀରଙ୍କ ଆଦର୍ଶ ଆଧ୍ୟାତ୍ମିକ ଦୃଷ୍ଟିରୁ ଉନ୍ନତିଶୀଳ ଏବଂ ଆଜିର ବିଶ୍ୱରେ ମଧ୍ୟ ପ୍ରାସଙ୍ଗିକତା ବହନ କରେ ।

**V/O (PM Mahavir)**

ମହାବୀରଙ୍କ ଜୟନ୍ତୀ ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଶୁଭେଚ୍ଛା ଜଣାଇ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ଭଗବାନ ମହାବୀରଙ୍କ ୫ଟି ନୀତି କେବଳ ଆଧ୍ୟାତ୍ମିକ ମାର୍ଗଦର୍ଶନ ନୁହେଁ, ବରଂ ଏକ

ଦୃଢ଼, ନୀତିଗତ ଏବଂ ସମନ୍ୱିତ ରାଷ୍ଟ୍ର ଗଠନ ପାଇଁ ଏକ ଅତୁଟ ମୂଳଦୁଆ । ଶ୍ରୀ ଶାହା କହିଛନ୍ତି ଯେ, ମହାବୀରଙ୍କ ସତ୍ୟ, ଅହିଂସା ଅଧିକାର ଏବଂ ସମାନତାର ଆଦର୍ଶ ଯୁବପିଢ଼ିଙ୍କୁ ଶୃଙ୍ଖଳା, ସମ୍ବେଦନଶୀଳତା ଏବଂ ଜାତୀୟ ସ୍ୱାର୍ଥପଥରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଇଥାଏ ।

# ଇଣ୍ଡିଆ କଣ୍ଡେମନ୍ସ ଭାଓଲେନ୍ସ

ଦକ୍ଷିଣ ଲେବାନନରେ ମିଳିତ ଜାତିସଂଘର ଶାନ୍ତିଦୂତମାନଙ୍କ ଉପରେ ନିକଟରେ ହୋଇଥିବା ଆକ୍ରମଣକୁ ଭାରତ ନିନ୍ଦା କରିଛି । ମିଳିତ ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପର୍ବତନେନି ହରିଶ୍ କହିଛନ୍ତି, କଠିନ ପରିସ୍ଥିତିରେ କାର୍ଯ୍ୟ କରୁଥିବା ଏବଂ ସଂଘର୍ଷ ଅଞ୍ଚଳରେ ଜାତିସଂଘର ଜନାଦେଶର ସମର୍ଥନରେ ନିୟୋଜିତ ହେଉଥିବା ଶାନ୍ତିଦୂତମାନଙ୍କ ସୁରକ୍ଷା ସବୁ ରାଷ୍ଟ୍ରଙ୍କ ଦାୟିତ୍ୱ । ଏହି ଉତ୍ତରଦାୟିତ୍ୱକୁ ସୁଦୃଢ଼ କରିବାର ଭୂମିକାକୁ ଆଗକୁ ନେବାରେ ଭାରତ ଧ୍ୟାନ ରଖିଛି ଏବଂ ଶାନ୍ତିରକ୍ଷା ପାଇଁ ବହୁପକ୍ଷିୟ କାର୍ଯ୍ୟକ୍ରମ କରୁଛି । ମିଳିତ ଜାତିସଂଘ ସୁରକ୍ଷା ପରିଷଦର ସଂକଳ୍ପ ୨-୫-୮-୯କୁ ନୂଆଦିଲ୍ଲୀ କାର୍ଯ୍ୟକାରୀ କରୁଛି, ଯାହା ଶାନ୍ତିଦୂତମାନଙ୍କ ବିରୁଦ୍ଧରେ ଅପରାଧ ପାଇଁ ଉତ୍ତରଦାୟିତ୍ୱକୁ ଆହ୍ୱାନ କରୁଛି ବୋଲି ହରିଶ୍ କହିଛନ୍ତି ।

ଲେବାନନ୍‌ରେ ମିଳିତ ଜାତିସଂଘର ଅନ୍ତରିଣବାହିନୀର ରିପୋର୍ଟ ଅନୁସାରେ ଏହି ଆକ୍ରମଣରେ ୨ ଜଣ ଶାନ୍ତିଦୂତ ପ୍ରାଣ ହରାଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ଭାରତ ଏହି ଆକ୍ରମଣର ବିଶ୍ୱସ୍ତରୀୟ ନିନ୍ଦାରେ ସାମିଲ ହୋଇଛି ଏବଂ ଜାତିସଂଘ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସମସ୍ତ ପକ୍ଷଙ୍କୁ ଅନୁରୋଧ କରିଛି ।

## ପ୍ରେଜ୍‌-ବିହାର ଭିଜିଟ୍‌

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଜଗିରିରେ ନାଳନ୍ଦା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ଯୋଗଦେବା ପାଇଁ ବିହାର ଗସ୍ତ କରିବେ । ସମାରୋହରେ ରାଷ୍ଟ୍ରପତି ବିଭିନ୍ନ ବିଭାଗର ୩୬ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ ଏବଂ ୧୦ ଜଣ ଗବେଷକଙ୍କୁ ପିଏଚ୍‌.ଡି ଡିଗ୍ରୀ ପ୍ରଦାନ କରିବେ । କାର୍ଯ୍ୟକ୍ରମରେ ଆର୍ଜେଣ୍ଟିନା, ଭିଏତନାମ, ନେପାଳ ଏବଂ ଭୁଟାନ ସମେତ ୧୩ଟି ଦେଶର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିବେ । ଏହି ଗସ୍ତ ସମୟରେ ରାଷ୍ଟ୍ରପତି ଦକ୍ଷିଣ-ପୂର୍ବ ଏସୀୟ ଅଧ୍ୟୟନ କେନ୍ଦ୍ର ଏବଂ ୨୦୦୦ ଆସନ କ୍ଷମତା ବିଶିଷ୍ଟ ବିଶ୍ୱ ମିତ୍ରାଳୟ ଅଡିଟୋରିୟମ୍‌କୁ ଆନୁଷ୍ଠାନିକ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

---

## ଇଣ୍ଡିଆନ୍‌ ନେଭି

ସ୍ୱଦେଶୀ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଣ୍ଟ ହାସଲ କରି ଗାର୍ଡେନ୍‌ ରିଚ୍‌ ସିପ୍‌ ବିଲ୍‌ଡର୍ସ ଆଣ୍ଡ୍‌ ଇଞ୍ଜିନିୟର୍ସ ଲିମିଟେଡ୍‌-ଗତକାଲି ଭାରତୀୟ ନୌସେନାକୁ ୩ଟି ଆଗଧାଡ଼ିର ନୌସେନା ପ୍ଲାଟଫର୍ମ-ଡୁନାଗିରି ସଂଶୋଧକ ଏବଂ ଆଗ୍ରେ ପ୍ରଦାନ କରିଛି । ଡୁନାଗିରି କ୍ଷେପଣାସ୍ତ୍ର ଦ୍ୱାରା ନିର୍ଦ୍ଧାରିତ ଲକ୍ଷ୍ୟକୁ ଆଘାତ କରିବାରେ ସକ୍ଷମ । ସଂଶୋଧକ ମୁଖ୍ୟତଃ ଉପକୂଳ ଏବଂ ଅନ୍ୟାନ୍ୟ ଅଞ୍ଚଳରେ ସର୍ଭେ କରିବ ଏବଂ ଆଗ୍ରେ ଶତ୍ରୁ ପକ୍ଷର ବୁଡ଼ାଜାହାଜକୁ ଧ୍ୱଂସ କରିବା ପାଇଁ ପ୍ରସ୍ତୁତ କରାଯାଇଛି । ଭାରତୀୟ ନୌସେନା ପକ୍ଷରୁ ରିୟର୍‌ ଆଡ୍‌ମିରାଲ୍‌ ଗୌତମ ମାରୱା ଏବଂ କମାଣ୍ଡର ଶିଶିର ଦୀକ୍ଷିତ ଏହି ଯୁଦ୍ଧ ଜାହାଜ ଗୁଡ଼ିକୁ ଆନୁଷ୍ଠାନିକ ଭାବେ ଗ୍ରହଣ କରିଥିଲେ ।

---

# ବିହାର-ଷ୍ଟାମ୍ପେଡ୍

ବିହାରର ନାଳନ୍ଦା ଜିଲ୍ଲାର ବିହାର ସରିଫ୍‌ରେ ଥିବା ମାଘ୍ରା ଶୀତଳାଷ୍ଟମୀ ମନ୍ଦିରରେ ଆଜି ସକାଳେ ଦଳାଚକଟା ଘଟି ୮ ଜଣ ମହିଳା ଶ୍ରଦ୍ଧାଳୁ ପ୍ରାଣ ହରାଇବା ସହ ଅନେକ ଆହତ ହୋଇଛନ୍ତି । ଆହତମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ମନ୍ଦିରରେ ଧାର୍ମିକ ରୀତିନୀତିରେ ପୂଜାର୍ଚ୍ଚନା ଚାଲିଥିବା ବେଳେ ହଠାତ୍ କୌଣସି ଏକ ଗୁଜବକୁ ନେଇ ବିଶୃଙ୍ଖଳା ସୃଷ୍ଟି ହେବାରୁ ଆତଙ୍କିତ ଶ୍ରଦ୍ଧାଳୁମାନେ ଧାଁ ଦଉଡ଼ କରିବାରୁ ଦଳାଚକଟା ସ୍ଥିତି ଉପୁଜିଥିଲା । ଏହି ଘଟଣାରେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଏବଂ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ମୃତକଙ୍କ ନିକଟ ସଂପର୍କୀୟଙ୍କୁ ୬ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ପ୍ରଦାନ ପାଇଁ ଘୋଷଣା କରିବା ସହ ମୁଖ୍ୟମନ୍ତ୍ରୀ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ପ୍ରତି ମୃତକଙ୍କ ନିକଟ ସଂପର୍କୀୟଙ୍କୁ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ଆହତମାନଙ୍କ ଚିକିତ୍ସା ପାଇଁ ୫୦ ହଜାର ଟଙ୍କାର ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ଆଇପିଏଲ୍

ଆଇ.ପି.ଏଲ୍. କ୍ରିକେଟ୍ ପ୍ରତିଯୋଗିତାରେ ଆଜି ସନ୍ଧ୍ୟା ସାଢ଼େ ୭ଟାରେ ପଞ୍ଜାବ କିଙ୍ଗସ୍ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ନ୍ୟୁ ଚଣ୍ଡିଗଡ଼ର ମହାରାଜା ଯଜୁବେନ୍ଦ୍ର ସିଂହ ଷ୍ଟାଡିୟମ୍‌ରେ ମ୍ୟାଚ୍ ଖେଳାଯିବ ।

ଗତକାଲିର ଖେଳରେ ରାଜସ୍ଥାନ ରୟାଲ୍ସ ବିଜୟୀ ହୋଇଥିଲା । ଗୁଆହାଟୀର ବର୍ଷାପାରା କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ରାଜସ୍ଥାନ’ ଚେନ୍ନାଇ ସୁପରକିଙ୍ଗସ୍‌କୁ ୮ ୱିକେଟ୍‌ରେ ପରାସ୍ତ କରିଥିଲା । ଟସ୍ ଜିତି ରାଜସ୍ଥାନ ରୟାଲ୍ସ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଚେନ୍ନାଇ ୧୯ ଓଭର ୪ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୨୭ରନ୍ ସଂଗ୍ରହ କରିଥିଲା । ଜବାବରେ ରାଜସ୍ଥାନ ୧୨ ଓଭର ଗୋଟିଏ ବଲ୍‌ରେ ୨ ୱିକେଟ୍ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିପାରିଥିଲା । ଦଳ ପକ୍ଷରୁ ବୈଭବ ସୂର୍ଯ୍ୟବଂଶୀ ୧୭ଟି ବଲ୍‌ରୁ ୫୨ରନ୍ ସଂଗ୍ରହ କରିଥିବା ବେଳେ ଯଶସ୍ୱୀ ଜୟସ୍ୱାଲ୍ ଅପରାଜିତ ୩୮ରନ୍ ସଂଗ୍ରହ କରିଥିଲେ । ରାଜସ୍ଥାନ ରୟାଲ୍ସର ନାନ୍ଦ୍ରେ ବର୍ଗରଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଥିଲା ।

---